ସୁଶିଲ କୁମାର

ବନାମ

ମୋତି ରାମ ଏବଂ ଅନ୍ୟଜଣେ

ଅଗଷ୍ଟ 26, 1996

[ଏନ୍. ପି. ସିଂ ଏବଂ ଫେଜନ ଉଦ୍ଦିନ, ନ୍ୟାୟମୂର୍ତ୍ତିଦ୍ଵୟ]

*ଭାରତର ସମ୍ବିଧାନ, 1950 : ଅନୁଚ୍ଛେଦ 142*

*ପକ୍ଷମାନଙ୍କ ସ୍ଵାର୍ଥ – ନ୍ୟାୟାଳୟ ଦ୍ଵାରା ପାରିତ ଆଦେଶ – ଅପିଲକାରୀଙ୍କ ଜେଜେବାପାଙ୍କ ଦ୍ଵାରା ଅପିଲକାରୀଙ୍କ ନାମରେ ଘର କ୍ରୟ କରାଯାଇଥିଲା କିନ୍ତୁ ପରେ ଅପିଲକାରୀଙ୍କ ସାବତ ମାଆଙ୍କୁ ବିକ୍ରି କରାଯାଇଥିଲା – ତାଙ୍କ ପିତା ଏବଂ ସାବତ ମା'ଙ୍କୁ ତାଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ବାରଣ କରି ଅପିଲକାରୀଙ୍କ ଦ୍ଵାରା ସ୍ଥାୟୀ ନିଷେଧାଜ୍ଞା ପାଇଁ ମକଦ୍ଦମା ଦାଖଲ କରାଯାଇଥିଲା – ମକଦ୍ଦମା, ପ୍ରଥମ ଏବଂ ଦ୍ଵିତୀୟ ଅପିଲ ଖାରଜ କରାଗଲା – ସମ୍ପୂର୍ଣ୍ଣ ସମୟରେ ଅପିଲକାରୀ ଘରର ଦଖଲରେ ଥିଲେ – ସାବତ ମା'ଙ୍କୁ ଘରର ଅଧା ଭାଗ ଦେଇଥିଲେ – ଦର୍ଶାଯାଇଛି : ମାମଲାର ପରିସ୍ଥିତିରେ, ବ୍ୟକ୍ତିଙ୍କ ଦ୍ଵାରା ଦିଆଯାଇଥିବା ପ୍ରସ୍ତାବ ଉଭୟ ପକ୍ଷର ସ୍ଵାର୍ଥରେ ହେବ - ତେଣୁ, ସେହି ଅନୁଯାୟୀ ଆଦେଶ ଜାରି କରାଯାଇଛି ।*

**ଅପିଲକାରୀଙ୍କ ଜେଜେବାପା ଅପିଲକାରୀଙ୍କ ନାମରେ ଏକ ଘର କିଣିଥିଲେ, କିନ୍ତୁ ପରେ ସେହି ଘରକୁ ଅପିଲକାରୀଙ୍କ ସାବତ ମାଆଙ୍କୁ ବିକ୍ରି କରିଦେଇଥିଲେ । ଅପିଲକାରୀ ତାଙ୍କ ପିତା ଏବଂ ସାବତ ମାଆ (ଉତ୍ତରଦାତା) ଙ୍କୁ ଅପିଲକାରୀଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ବାରଣ କରି ସ୍ଥାୟୀ ନିଷେଧାଜ୍ଞା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ଏହି ମକଦ୍ଦମା ସହିତ ପ୍ରଥମ ଏବଂ ଦ୍ଵିତୀୟ ଅପିଲକୁ ମଧ୍ୟ ଖାରଜ କରାଯାଇଥିଲା । ବ୍ୟଥିତ ହୋଇ ଅପିଲକାରୀ ବର୍ତ୍ତମାନର ଅପିଲକୁ ଆଗତ କରିଥିଲେ ।**

**ଅପିଲକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ, ଅପିଲକାରୀ ତାଙ୍କ ସାବତ ମାଆ, ଉତ୍ତରଦାତା ସଂଖ୍ୟା 2 ଙ୍କୁ ଘରର ଅଧା ଅଂଶ ଦେବାକୁ ଏବଂ ଏକ ଶାନ୍ତିପୂର୍ଣ୍ଣ ସମାଧାନ କରିବା ପାଇଁ ସେହି ଅଂଶର ଦଖଲ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ଥିଲେ ।**

**ଉତ୍ତରଦାତାମାନଙ୍କ ତରଫରୁ ଏହା ପ୍ରସ୍ତାବ ଦିଆଯାଇଥିଲା ଯେ, ନ୍ୟାୟାଳୟ ସମସ୍ତ ତଥ୍ୟ ଏବଂ ପରିସ୍ଥିତିକୁ ଧ୍ୟାନରେ ରଖି ତଥା ସମ୍ପୃକ୍ତ ପକ୍ଷଙ୍କ ସ୍ଵାର୍ଥକୁ ବିଚାରକୁ ନେଇ ଯେକୌଣସି ଉପଯୁକ୍ତ ଆଦେଶ ପାରିତ କରିପାରିବେ ।**

**ଅପିଲକୁ ଅନୁମତି ଦେଇ ଏହି ନ୍ୟାୟାଳୟ,**

**ଦର୍ଶାଇଛନ୍ତି : 1. ଅପିଲକାରୀଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ଉଭୟ ପକ୍ଷଙ୍କ ସ୍ୱାର୍ଥରେ ହେବ । ଏକ ସ୍ୱୀକୃତ ସ୍ଥିତିକୁ ଦୃଷ୍ଟିରେ ରଖି ଯେ, ଉତ୍ତରଦାତା ସଂଖ୍ୟା 2 ପ୍ରଶ୍ନରେ ଥିବା ଘରର ଦଖଲରେ ନାହାଁନ୍ତି ଏବଂ କୌଣସି ନା କୌଣସି କାରଣରୁ ଅପିଲକାରୀ ସମ୍ପୂର୍ଣ୍ଣ ସମୟରେ ଉକ୍ତ ଘରର ଦଖଲରେ ରହିଛନ୍ତି, ତେଣୁ ଏହା ଉତ୍ତରଦାତା ସଂଖ୍ୟା 2 ଙ୍କ ସ୍ୱାର୍ଥରେ ମଧ୍ୟ ହେବ ଯେ, ଅପିଲକାରୀଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ତାଙ୍କୁ ଘରର ଅଧା ଅଂଶର ଦଖଲ ଦିଆଯାଇଛି । ଅପିଲକାରୀ ଘରର ଅଧା ଅଂଶର ଦଖଲରେ ରହିବେ ଏବଂ ଅବଶିଷ୍ଟ ଅଧା ଅଂଶର ଦଖଲ ଉତ୍ତରଦାତା ସଂଖ୍ୟା 2ଙ୍କୁ ପ୍ରଦାନ କରିବେ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1187/1987 ।

ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ଏସ୍. ଏ. ସଂଖ୍ୟା 1894/1978 ର 26.3.85 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଡି.କେ. ଗର୍ଗ

ଉତ୍ତରଦାତାମାନଙ୍କ ପାଇଁ ଆର୍.ଏସ୍. ସୋଧି

ଏହି ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ଏନ୍. ପି. ସିଂ, ନ୍ୟାୟମୂର୍ତ୍ତି** ଯେତେବେଳେ ଏହି ଅପିଲକୁ 8 ଅଗଷ୍ଟ, 1996ରେ ଶୁଣାଣି ପାଇଁ ନିଆଯାଇଥିଲା ସେତେବେଳେ ନିମ୍ନଲିଖିତ ଆଦେଶ ପାରିତ କରାଯାଇଥିଲା :

"ଅପିଲକାରୀ ହେଉଛନ୍ତି ଉତ୍ତରଦାତା ସଂଖ୍ୟା 1 ଙ୍କ ପୁତ୍ର, ଯିଏ ତାଙ୍କ ପ୍ରଥମ ପତ୍ନୀ, ଜଣେ ଶ୍ରୀମତୀ ଚନ୍ଦ୍ରୋଙ୍କ ମାଧ୍ୟମରେ ଜନ୍ମିତ । 1943 ମସିହାରେ ଅପିଲକାରୀଙ୍କ ମା' ଙ୍କର ଦେହାନ୍ତ ହୋଇଥିଲା । ଉତ୍ତରଦାତା ସଂଖ୍ୟା 1 ଶ୍ରୀମତୀ ସତୱନ୍ତ କୌର (ଉତ୍ତରଦାତା ସଂଖ୍ୟା 2)ଙ୍କୁ 1946 ମସିହାରେ ବିବାହ କରିଥିଲେ । 1948 ମସିହା ଏପ୍ରିଲ 12 ତାରିଖରେ ଅପିଲକାରୀଙ୍କ ଜେଜେବାପା ଅପିଲକାରୀଙ୍କ ନାମରେ ବିବାଦୀୟ ଘରଟି କିଣିଥିଲେ । ତେବେ 1949 ମସିହା ମଇ 19 ତାରିଖରେ ଅପିଲକାରୀଙ୍କ ଜେଜେବାପା ଉକ୍ତ ବିବାଦୀୟ ଘରକୁ 2,000 ଟଙ୍କାରେ ଅପିଲକାରୀଙ୍କ ସାବତ ମାଆ ଅର୍ଥାତ୍ ଉତ୍ତରଦାତା ସଂଖ୍ୟା 2ଙ୍କ ସପକ୍ଷରେ ବିକ୍ରି କରିଦେଇଥିଲେ । ଅପିଲକାରୀଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ଉତ୍ତରଦାତା ସଂଖ୍ୟା 1 ଏବଂ 2 କୁ ବାରଣ କରୁଥିବା ସ୍ଥାୟୀ ନିଷେଧାଜ୍ଞା ପାଇଁ ଅପିଲକାରୀଙ୍କ ତରଫରୁ 2 ଜୁଲାଇ, 1974 ରେ ଏହି ମକଦ୍ଦମା ଦାଖଲ କରାଯାଇଥିଲା । ସେହି ମକଦ୍ଦମା ଦେୱାନୀ ବିଚାରପତିଙ୍କ ଦ୍ୱାରା ଖାରଜ କରାଯାଇଥିଲା । ଅପିଲକାରୀଙ୍କ ତରଫରୁ ଦାଖଲ ହୋଇଥିବା ଅପିଲ ମଧ୍ୟ ଖାରଜ ହୋଇଯାଇଥିଲା । ଅପିଲକାରୀଙ୍କ ତରଫରୁ ଦାଖଲ ହୋଇଥିବା ଦ୍ୱିତୀୟ ଅପିଲକୁ ମଧ୍ୟ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ଏହା ଏକ ସ୍ୱୀକୃତ ସ୍ଥିତି ବୋଲି ଜଣାପଡ଼େ ଯେ, ଅପିଲକାରୀ ସମ୍ପୂର୍ଣ୍ଣ ସମୟରେ ଘରର

ଦଖଲରେ ରହିଛନ୍ତି । ତଥାପି, ଅପିଲକାରୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଏକ ପ୍ରସ୍ତାବ ଦେଇଥିଲେ ଯେ, ଅପିଲକାରୀ ଉତ୍ତରଦାତା ସଂଖ୍ୟା 2 ଙ୍କୁ ଘରର ଅଧା ଅଂଶ ଦେବାକୁ ପ୍ରସ୍ତୁତ ଅଛନ୍ତି ଏବଂ ଶାନ୍ତିପୂର୍ଣ୍ଣ ବନ୍ଦୋବସ୍ତ ପାଇଁ ସେହି ଅଂଶର ଦଖଲକୁ ହସ୍ତାନ୍ତର କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି । ଉତ୍ତରଦାତାମାନଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ସୋଧି ଦର୍ଶାଇଥିଲେ ଯେ, ଏହି ପ୍ରସଙ୍ଗକୁ ଅନ୍ୟ କୌଣସି ଦିନ ତାଲିକାଭୁକ୍ତ କରାଯାଉ ଯେତେବେଳେ ସେ ଉତ୍ତରଦାତାମାନଙ୍କ ମନୋଭାବ ସମ୍ପର୍କରେ ସୂଚନା ଦେବେ । ଯଦି ସମାଧାନ ହୁଏ, ତେବେ ସେହି ତାରିଖରେ ସମାଧାନର ସ୍ମାରକ ଦାଖଲ କରାଯିବା ଉଚିତ ।"

ଉତ୍ତରଦାତାମାନଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ସୋଧି 20 ଅଗଷ୍ଟ, 1996 ରେ ସୂଚନା ଦେଇଥିଲେ ଯେ, 8 ଅଗଷ୍ଟ,1996 ରେ ଅପିଲକାରୀଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ସେ ଉତ୍ତରଦାତାମାନଙ୍କ ଠାରୁ କୌଣସି ନିର୍ଦ୍ଦେଶ ପ୍ରାପ୍ତ କରିପାରିନଥିଲେ । କିନ୍ତୁ ସେ ପରାମର୍ଶ ଦେଇଥିଲେ ଯେ, ସମସ୍ତ ତଥ୍ୟ ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଏବଂ ସମ୍ପୃକ୍ତ ପକ୍ଷଙ୍କ ସ୍ୱାର୍ଥକୁ ବିଚାରକୁ ନେଇ ନ୍ୟାୟାଳୟ ଯେକୌଣସି ଉପଯୁକ୍ତ ଆଦେଶ ପାରିତ କରିପାରିବେ । ଆମ ମତରେ, ଅପିଲକାରୀଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ଉଭୟ ପକ୍ଷଙ୍କ ସ୍ୱାର୍ଥରେ ହେବ । ଏକ ସ୍ୱୀକୃତ ସ୍ଥିତିକୁ ଦୃଷ୍ଟିରେ ରଖି ଯେ, ଉତ୍ତରଦାତା ସଂଖ୍ୟା 2 ପ୍ରଶ୍ନରେ ଥିବା ଘରର ଦଖଲରେ ନାହାଁନ୍ତି ଏବଂ କୌଣସି ନା କୌଣସି କାରଣରୁ ଅପିଲକାରୀ ସମ୍ପୂର୍ଣ୍ଣ ସମୟରେ ଉକ୍ତ ଘରର ଦଖଲରେ ରହିଛନ୍ତି, ଏହା ଉତ୍ତରଦାତା ସଂଖ୍ୟା 2 ଙ୍କ ସ୍ୱାର୍ଥରେ ମଧ୍ୟ ହେବ ଯେ, ଅପିଲକାରୀଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ତାଙ୍କୁ ଘରର ଅଧା ଅଂଶର ଦଖଲ ଦିଆଯାଇଛି । ତଦନୁସାରେ, ଆମେ ଅପିଲକାରୀଙ୍କ ତରଫରୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ଅପିଲକୁ ଅନୁମତି ଦେଇଛୁ । ଅପିଲକାରୀ ଘରର ଅଧା ଅଂଶର ଦଖଲରେ ରହିବେ ଏବଂ ଅବଶିଷ୍ଟ ଅଧା ଅଂଶର ଦଖଲ ଆଜିଠାରୁ ତିନି ମାସ ମଧ୍ୟରେ ଉତ୍ତରଦାତା ସଂଖ୍ୟା 2ଙ୍କୁ ପ୍ରଦାନ କରିବେ । ଉପରେ ଦର୍ଶାଯାଇଥିବା ସୀମା ପର୍ଯ୍ୟନ୍ତ ଅପିଲକୁ ଅନୁମତି ଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏସ୍. ଏସ୍. ଅପିଲକୁ ଅନୁମତି ଦିଆଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ